# Akashvani, Sambalpur

## SAMBALPURI NEWS BULLETIN

### 4 August 2025 - 6.47- 6.52 am.

************************************************

ଆର୍ୟୁବେଦ୍ ଆହାର୍ ତାଲିକା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆୟୁସ୍ ମନ୍ତ୍ରଣାଳୟର୍ ପରାମର୍ଶ ଉତ୍‌ରୁ ଭାରତୀୟ ଖାଦ୍ୟ ସୁରକ୍ଷା ଆଉ ମାନକ ପ୍ରାଧିକରଣ୍ ଏଫ୍.ଏସ୍.ଏସ୍.ଏ.ଆଇ. ଆର୍ୟୁବେଦ୍ ଆହାର୍ ବର୍ଗଥି ଆୟୁର୍ବେଦିକ୍ ଖାଦ୍ୟ ପ୍ରସ୍ତୁତିର୍ ଗୁଟେ ତାଲିକା ଜାରି କରିଛେ । ଇ ଆୟୁର୍ବେଦିକ୍ ଆହାର୍ ଆୟୁର୍ବେଦିକ୍ ଗ୍ରନ୍ଥର୍ ଖାଦ୍ୟ ବନାବାର୍ ଆଉ ଖାଏବାର୍ ଶୈଳୀକେ ଆଧାର୍ କରିକରି ବନାଯାଇଛେ । ତାଲିକା ପ୍ରକାଶ୍ କରିକରି ଆୟୁସ୍ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପ୍ ରାଓ ଯାଧବ୍ ଲୁକ୍‌କୁ ଆୟୁର୍ବେଦିକ୍ ଆହାର୍‌କେ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ଲାଭ୍ ଲାଗି ନିଜର୍ ଦୈନନ୍ଦିନ୍ ଜୀବ୍‌ନେ ସାମିଲ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ପ୍ରବାସୀ ସମ୍ବଲ କେନ୍ଦ୍ର ଶୁଭାରମ୍ଭ I&PR

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ଭ୍ରାମ୍ୟମାଣ ପ୍ରବାସୀ ସମ୍ବଲ କେନ୍ଦ୍ର ଶୁଭାରମ୍ଭ କର୍‌ବେ । ଦିନର୍ ସାଢ଼େ ୧୦ ବଜେ

ଭୁବ୍‌ନେଶ୍ୱର୍ କୃଷି ଭବନ୍ ଠାନେ ଇତାର୍ ଶୁଭାରମ୍ଭ କାର୍ଯ୍ୟକ୍ରମ୍ ରହିଛେ । ଇ ଗାଡ଼ି ରାଜ୍ୟର୍ ଦୁର୍ଗମ୍ ଇଲାକା ମାନ୍‌କେ ଯାଇକରି ପ୍ରବାସୀ ଶ୍ରମିକମାନ୍‌କର୍ ସ୍ୱାର୍ଥ ଲାଗି କାମ୍ କର୍‌ବା । ବାହାର୍ ରାଜ୍ୟକେ ଖଟି ଯାଉଥିବା ଶ୍ରମିକ୍‌ମାନ୍‌କର୍ ଥିତି ବୁଝ୍‌ବାର୍ ସହେତେ ଦର୍‌କାର୍ ଜାଗା ନ ଦାଦନ୍ ଯିବାର୍ ଆଘୋନୁ ଆର୍ ପଛେ ସେମାନ୍‌କର୍ ପଞ୍ଜିକରଣ୍ ସହେତେ ତଥ୍ୟ ସଂଗ୍ରହ କର୍‌ବା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଡ଼ିଆ ଶ୍ରମିକ ମୃତ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆନ୍ଧ୍ରପ୍ରଦେଶ୍‌ର ବାପ୍‌ତାଲା ଜିଲ୍ଲା ବାଲିକୁର୍ଭା ଠାନେ ଗୁଟେ ଗ୍ରାନାଇଟ୍ ଖଣି ନ ଦୁର୍ଘଟଣା ହେଇକରି ୬ ଝନ୍ ଓଡ଼ିଆ ଶ୍ରମିକ୍‌ଙ୍କର୍ ଜୀବନ୍ ଯାଇଥିବାର୍ ବେଳେ ୮ ଝନ୍ ଖଁଡ଼ିଆ ଖାବ୍‌ରା ହେଇଛନ୍ । ଗୁଟେ ବଡ଼

ଗ୍ରାନାଇଟ୍ ଖଁଡ୍ ଶ୍ରମିକ୍‌ମାନ୍‌କର୍ ଉପ୍‌ରେ ପଡ଼ିଯିବାର୍‌ନୁ ଇ ଦୁର୍ଘଟଣା ଘଟିଥିଲା । ମୃତକ୍‌ମାନ୍‌କର୍ ଭିତ୍‌ରେ ୨ ଝନ୍ ଗଜପତି ଜିଲ୍ଲାର୍ ଆର୍ ୪ ଝନ୍ ଗଞ୍ଜାମ୍ ଜିଲ୍ଲାର୍ ବଲି ଜନାପଡ଼ିଛେ । ଘଟ୍‌ନାକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ ଗଭୀର୍ ଶୋକ ପ୍ରକାଶ୍ କର୍‌ବାର୍ ସହେତେ ୪ ଲାଖ୍ ଟଙ୍କା ଲେଖା ଅନୁକମ୍ପା ସାହାଜ୍ ଘୋଷ୍‌ନା କରିଛନ୍ । ଇତାର୍‌ସହେତେ ଘଟ୍‌ନାର୍ ଯାଂଚ୍ ଆଉ ଆହତ୍‌ମାନ୍‌କର୍ ଚିକିତ୍ସା ବ୍ୟବସ୍ଥାର୍ ତଦାରଖ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ୩ ଝନିଆ ଟିମ୍ ପଠେଇଛନ୍ । ସେଆଡ଼େ ଆନ୍ଧ୍ରପ୍ରଦେଶ୍ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ ଭିଲ୍ ୧୪ ଲାଖ୍ ଟଙ୍କା ଲେଖା ଅନୁକମ୍ପା ସାହାଜ୍ ଘୋଷ୍‌ନା କର୍‌ବାର୍ ସହେତେ । ଆହତ୍‌ମାନ୍‌କୁ ସବୁ ପ୍ରକାର୍ ଚିକିତ୍ସା ସେବା ଯୁଗେଇ ଦେବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ବଲଙ୍ଗା ପିଡ଼ିତା-ଅନ୍ତିମ ସତ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଜିଲ୍ଲା ବଲଙ୍ଗା ପୀଡ଼ିତାଙ୍କର ମଲାଦିହି ଗଲାରାତି ଓଡ଼ିଶା ପୁହୁଁଚିଛେ । ଆଏଜ୍ ନିଜର ଗାଁ ନ ତାଙ୍କର ଅନ୍ତିମ ସତ୍କାର କରାଯିବା । ରାତି ୧୧ ବଜେ ଦିଲ୍ଲୀ ଏମ୍ସନୁ ଭୁବନେଶ୍ୱର ବିମାନ ବନ୍ଦରକେ ମଲାଦିହି ପୁହୁଁଚିବାର୍ ଉତ୍‌ରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତ୍‌ରେ ତାଙ୍କର୍ ଗାଁକେ ନିଆଯାଇଛେ । ବିମାନବନ୍ଦରଠାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା

ପିଡ଼ିତାଙ୍କର ଅନ୍ତିମ ଦର୍ଶନ୍ କର୍‌ବାର୍ ସହେତେ ତାଙ୍କର ପରିବାର ଲୁକ୍‌କର ସଙ୍ଗେ କଥା ହେଇଥିଲେ । ଇ ଅବ୍‌ସରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ପିପିଲି ବିଧାୟକ୍ ଆଶ୍ରିତ୍ ପଟ୍ଟନାୟକ ଆଉ ଭୁବନେଶ୍ୱର ଏକାମ୍ର ବିଧାୟକବାବୁ ସିଂହ ଭିଲ୍ ଉପସ୍ଥିତ ଥିଲେ ।

ଶ୍ରୀବଣ୍ ଶେଷ୍ ସୋମ୍‌ବାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ଶ୍ରାବଣ୍ ମାସର୍ ଶେଷ୍ ସୋମ୍‌ବାର୍ । ଇ ଅବ୍‌ସରେ ପଶ୍ଚିମ୍ ଓଡ଼ିଶାର୍ ଶିବ ମନ୍ଦିର୍‌ମାନ୍‌କେ ଶ୍ରଦ୍ଧାଳୁମାନ୍‌କର୍ ଜବର୍ ଭିଡ୍ ହେଇଛେ । ଅଧାରାତିନୁ ଶ୍ରଦ୍ଧାଳୁମାନେ ପାଏନ୍ ଧରିକରି ମହାଦେବ୍ ଗୁଡ଼ି ମାନ୍‌କେ ଲାଇନ୍ ଲାଗିଛନ୍ । ଇଥିର୍‌ଲାଗି ପୁଲିସ୍ ପ୍ରଶାସନ୍ ତର୍‌ଫୁ ସବୁ ଜାଗା ନ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ ।

ଓଡ଼ିଆ ସାମ୍ବାଦିକତା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

୧୮୬୬ ମସିହା ଆଝିର୍ ଦିନେ ବାହାରିଥିଲା ଓଡ଼ିଶାର୍ ପହେଲା ସମ୍ବାଦପତ୍ର ଉତ୍କଳ ଦୀପିକା । ଓଡ଼ିଶାର୍ ଜନଜୀବନ୍‌କେ ବାଟ୍ କଢ଼ାବାର୍‌ଥି ଉତ୍କଳ ଦୀପିକାର୍ ଅବଦାନ୍‌କେ ସୋର୍ କରିକରି ଆଝିର୍ ଦିନ୍‌କେ ଓଡ଼ିଆ ସାମ୍ବାଦିକତା ଦିବସ୍ ଭାବେ ପାଳନ୍ କରାଯାଉଛେ ।

ଖରିଫ୍ ଧାନ୍ ଘିନା          ଆର୍ଏନ୍ୟୁ/ ସମ୍ବଲପୁର

ଖରିଫ୍ ଧାନ୍ ଘିନା ପଞ୍ଜିକରଣ୍ ଲାଗି ସମ୍ବଲ୍ପୁର୍ ସମବାୟ ବିଭାଗ୍ ତର୍ଫୁ ଜିଲ୍ଲା ନ ସଚେତନତା ଅଭିଯାନ୍ ଚାଲିଛେ । ଗଲା ୧୯ ତାରିଖ୍ନୁ ମୁଲ୍ ହେଇଥିବା ଇ ଅଭିଯାନ୍ ଥି ଜିଲ୍ଲାର୍ ୪୫ ଟା ସମବାୟ ଶାଖା ଆଉ ୧୧ ଟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର୍ ସଦସ୍ୟମାନେ ନୂଆଁ ପଞ୍ଜିକରଣ୍ ବ୍ୟବସ୍ଥା ବାବ୍ଦେ ଚାଷୀମାନ୍କୁ ସଚେତନ୍ କରୁଛନ୍ । ଚାଷୀମାନେ ସମବାୟ ଶାଖା ମାନ୍କର୍ନୁ ଆବେଦନ୍ ଫର୍ମ ନେଇକରି ଅଗଷ୍ଟ ୨୦ ତାରିଖ୍ ଭିତ୍ରେ ପଞ୍ଜିକରଣ୍ କରିପାର୍ବେ ବଲି ସମବାୟ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

କଲେଜ ସିଟ୍ ବୃଦ୍ଧି          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦର୍ ଠାନେ ଥିବା ନେସ୍ନାଲ୍ ଡିଗ୍ରୀ କଲେଜ୍ ନ ସିଟ୍ ସଂଖ୍ୟା ବଢ଼ାବାର୍କେ ନେଇକରି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । କଲେଜ୍ର ସିଟ୍ ସଂଖ୍ୟା ୬୪ ଟା ବଢ଼ାଯାଇଛେ । ଇହାଦେଇ ସଂଖ୍ୟା ୨ ଶହ ୫୬ ଥି ପୁହୁଁଚିଛେ । ଇ ଖବର୍ ପ୍ରକାଶ୍ ପାଏଲା ଉତ୍ରୁ ଜିଲ୍ଲା ଶିକ୍ଷାବିତ୍ ମହଲ୍ ନ ଖୁସି ପ୍ରକାଶ୍ ପାଇଛେ ।

## ରାଜନୈତିକ୍ ଦଲ-ପ୍ରତିନିଧି ବୈଠକ୍      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ମଧୁସୂଦନ୍ ଦାସ୍ଙ୍କର୍ ସଭାପତିତ୍ୱଥି ଭିନ୍ ଭିନ୍ ରାଜନୈତିକ୍ ଦଲର୍ ପ୍ରତିନିଧି ମାନ୍କର୍ ଗୁଟେ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ଙ୍କର୍ ସମ୍ମିଲନୀ କକ୍ଷ ନ ହେଇଥିବା ବୈଠକ୍ଥି ଜାତୀୟ ଆଉ ରାଜ୍ୟସ୍ତର୍ଥି ମାଏନ୍ତା ପାଇଥିବା ରାଜନୈତିକ୍ ଦଲର୍ ସଦସ୍ୟମାନେ ଉପସ୍ଥିତ୍ ଥିଲେ । ନିର୍ବାଚନ୍ ପ୍ରକ୍ରିୟାକେ କେନ୍ତା ସୁରୁଖୁରୁଥି କରାଯାଇପାର୍ବା ସେ ବାବ୍ଦେ ବୈଠକ୍ଥି ଆଲୋଚନା କରିଥିଲେ ।

## ରାଜ୍ୟ ଅମଲା ସଂଘ ସମ୍ବଲ୍ପୁର୍ ଶାଖା ବୈଠକ୍

ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ଅମଲା ସଂଘ ସମ୍ବଲ୍ପୁର୍ ଶାଖାର୍ କାର୍ଯ୍ୟକାରିଣୀ ବୈଠକ୍ ଗଲାକାଏଲ୍ ଜିଲ୍ଲାପାଲ୍ଙ୍କର୍ ସଭାକକ୍ଷ ଠାନେ ହେଇଯାଇଛେ । ବୈଠକ୍ଥି ଜିଲ୍ଲାସ୍ତର୍ଥି କାମ୍ କରୁଥିବା ଅମଲା ମାନେ ସେମାନ୍କର୍ ଭିନ୍ ଭିନ୍ ସମସ୍ୟା ବାବ୍ଦେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ୍ଥି ସଂଘର୍ ସଭାପତି ମନମୋହନ୍ ସାହୁ ସଭାପତିତ୍ୱ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ପାଗ୍ ମେଘୁଆ ରହିଛେ । କେତେଟା ଜାଗା ନ ସାମାଏନ୍ ବର୍ଷା ହେଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁବର୍ଣ୍ଣପୁର୍, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର୍ ଆଉ କଲାହାଣ୍ଡି ସହେତେ ୨୩ ଟା ଜିଲ୍ଲା ନ ଚଡ଼କ୍ ମାର୍‌ବାର୍ ସହେତେ ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।